# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ ଆକାଉଣ୍ଟସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା 14.07.2022 ରିଖ.

ସମୟ – ଅପରାହ୍ନ ଘ. 4.00 ଟିକା
ସ୍ଥାନ - ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା :-

୧.ଶ୍ରୀମତୀ ପ୍ରୀତିନନ୍ଦା ରାଉତରାୟ, ଚେୟାରପରସନ୍
୨.ଶ୍ରୀ ରାଜକିଶୋର ଦାସ,
୩. ଶ୍ରୀ ଶିବ ପ୍ରସାଦ ବେହେରା,
୪. ଶ୍ରୀ ଚନ୍ଦ୍ରଶେଖର ମଲିଆ,
୫. ଶ୍ରୀମତୀ ଯଶୋଧାରା ପ୍ରଧାନ,
୬. ଶ୍ରୀମତୀ ଅଲିଅଲି ମଲିକ୍,
୭. ଅସିୟା ବେଗମ୍

ଅଦ୍ୟ ତା 14.07.2022 ରିଖ ଅପରାହ୍ନ ଘ. 4.00 ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ ଆକାଉଣ୍ଟସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ପ୍ରୀତିନନ୍ଦା ରାଉତରାୟ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. କାର୍ଯ୍ୟାଳୟ ପତ୍ରସଂଖ୍ୟା-୨୧୯୯୪ ତା ୦୭.୦୮.୨୦୧୯ ରିଖରେ ନୟାପଲ୍ଲୀ ସ୍ଥିତ ହଜ ପୋଖରୀକୁ ଲୁପ୍ତ ପ୍ରାୟ ପୋଖରୀ ଗୁଡ଼ିକ ମଧ୍ୟରୁ କ୍ରମିକ ନଂ-୪ ରେ ଟ ୩ କୋଟି ୯୯ ଲକ୍ଷ ୫୮ ହଜାର ଟଙ୍କାର ଏକ ଆକଳନ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗକୁ ପଠାଇଥିଲେ । ଏହାକୁ OUIDF ପତ୍ରସଂଖ୍ୟା- 560/OUIDF ତା ୩୧.୦୭.୨୦୨୦ ରିଖରେ ଅନୁମୋଦନ କରି ନିମ୍ନଲିଖିତ ପ୍ରକାରେ ଅର୍ଥ ଦେବାପାଇଁ ମଞ୍ଜୁରୀ କରିଥିଲେ ।

| Particulars | Rs. | % |
|---|---|---|
| Bhubaneswar Municipal Corporation | 39,92,000.00 | 10 % |
| OUIDF Grant | 1,79,65,000.00 | 45% |
| OUIDF Loan | 1,79,65,000.00 | 45% |
| **Total** | **3,99,22,000.00** | **100 %** |

ତଦନୁସାରେ ହଜ ପୋଖରୀର ଟେଣ୍ଡର ଡ଼ାକାଯାଇ କାର୍ଯ୍ୟ ଆରମ୍ଭ ହୋଇଥିଲା ଏବଂ କଂଟ୍ରାକ୍ଟରଙ୍କୁ ବିଭିନ୍ନ ସମୟରେ ଟ ୪୯ ଲକ୍ଷ ୬୭ ହଜାର ୫୪୨/-, ଟ ୪୧ ଲକ୍ଷ ୩୩ ହଜାର ୦୪୩/- ଏବଂ ୪୮ ଲକ୍ଷ ୬୭ ହଜାର ୨୨୫ ଟଙ୍କା ଦିଆଯିବା ପାଇଁ ବିଧିବଦ୍ଧ ପଦକ୍ଷେପ ନିଆଗଲା । କିନ୍ତୁ OUIDF ଙ୍କ ଉପରୋକ୍ତ ଲିଖିତ ପତ୍ର ଅନୁସାରେ ବ୍ୟାଙ୍କ୍ ଆକାଉଂଟ୍ ଖୋଲା ହୋଇନଥିଲା କିମ୍ବା ସେଥିରେ ନିଗମ ଅଂଶ ୧୦ % ଅର୍ଥ ପୈଠ କରିବା ପାଇଁ ପଦକ୍ଷେପ ନିଆଯାଇପାରିନଥିଲା ।

ନଥି ନଂ- I-ACCT-18/2022 ଟିପ୍ପଣୀ ପୃଷ୍ଠା-୧ ରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଉକ୍ତ ଚିଠି ଏବଂ ମଞ୍ଜୁରୀ ଅନୁସାରେ ୧୦ % ଟଙ୍କା ବି ଏମ୍ ସି ପାଖ HDFC ବ୍ୟାଙ୍କରେ ଆକାଉଂଟ୍ ଖୋଲି ଟ ୩୯ ଲକ୍ଷ ୯୨ ହଜାର ଟଙ୍କା ଡ଼ିପୋଜିଟ୍ କରି OUIDF କୁ ଚିଠି ପ୍ରେରଣ କରାଯିବ ଏବଂ OUIDF ମଞ୍ଜୁରୀ ମୁତାବକ ଟ ୩ କୋଟି ୯୯ ଲକ୍ଷ ୨୨ ହଜାର ଟଙ୍କା ଦେଲେ ୪୫% ସାହାଯ୍ୟ ଏବଂ ୪୫% ଋଣ ଆକାରରେ ବି.ଏମ୍.ସି. କୁ ଉପଲବ୍ଧ ହେବାପରେ ବି.ଏମ୍.ସି. ଫଣ୍ଡ୍ ରୁ ଦିଆଯାଇଥିବା ଟଙ୍କା ସର୍ବପ୍ରଥମେ ଭରଣା କରାଯିବ ଏବଂ ବଳକା ଅର୍ଥ କୁ ପରବର୍ତ୍ତୀ ବିଲ୍ ଗୁଡ଼ିକ ଆସିଲେ ପୈଠ କରାଯିବ ।

ପ୍ରକାଶ ଥାଉକି, ଋଣ ବାବଦରେ ଯେଉଁ ୧ କୋଟି ୭୯ ଲକ୍ଷ ୬୫ ହଜାର ଟଙ୍କା ଉପରେ ୪ % ସୁଧ ସହ ପ୍ରତ୍ୟେକ ଆର୍ଥିକ ବର୍ଷ ସେପ୍ଟେମ୍ବର ୩୦ ତାରିଖ ଏବଂ ମାର୍ଚ୍ଚ ୩୧ ତାରିଖ ଦିନ କିମ୍ବା ତା ପୂର୍ବରୁ ପୈଠ କଲେ ୧ % ଅଧିକ ସୁଧ ଦେବାକୁ ପଡ଼ିବ ନାହିଁ । ଯଦି ଏହାର ବ୍ୟତିକ୍ରମ ହୁଏ ଗୋଟେ ଦିନ ଅଧିକା ପାଇଁ ବି ୧ % ଅଧିକ ଦେବାକୁ ପଡ଼ିବ ।

ଏହି ମର୍ମରେ OUIDF ଯେଉଁ ସର୍ତାବଳୀ ରଖିଛନ୍ତି କମିଟିର ଅନୁମୋଦନ ହେଲେ OUIDF କୁ ପରବର୍ତ୍ତୀ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଠାଯିବ । ଏହା ଉପରେ କମିଟିଙ୍କ ବିଚାର ।

ନିର୍ଦ୍ଧାରଣ-୧. କମିଟି ଏହି କାର୍ଯ୍ୟ ସ୍ଥଳ ତଦାରଖ କରି ଦେଖିବାପରେ ଆବଶ୍ୟକ ପଦକ୍ଷେପ ନିଆଯିବ । ଉକ୍ତ କାର୍ଯ୍ୟ କମିଟି ତଦାରଖ କରିବା ପାଇଁ କମିଟିର ଚେୟାରପର୍ସନ୍‌ଙ୍କ ସହିତ ପରାମର୍ଶ କରି ଆବଶ୍ୟକ ଗାଡ଼ି ସହିତ କମିଟିଙ୍କୁ ନେଇଯିବା ପାଇଁ ନିଗମର ନଗର ଯନ୍ତ୍ରୀଙ୍କ ଉପରେ ସର୍ବ ସମ୍ମତିକ୍ରମେ ଦାୟିତ୍ୱ ନ୍ୟସ୍ତ କରାଗଲା ।

ପ୍ରସ୍ତାବ-୨. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୨(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ କେତେକ ବ୍ୟବସାୟୀ ବିଜ୍ଞାପନଫଳକ ଲଗାଉଛନ୍ତି କିନ୍ତୁ ସେମାନେ ଏଥିପାଇଁ ନିଗମକୁ ଅର୍ଥ ଦେଉନାହାଁନ୍ତି, ତେଣୁ ନିଗମର ଆର୍ଥିକ କ୍ଷତି ଘଟୁଅଛି । ନିଗମାଂଚଳରେ ଲଗାଯାଇଥିବା ହୋର୍ଡ଼ିଂ ଗୁଡ଼ିକୁ କମିଟି କ୍ଷେତ୍ରରେ ତଦାରଖ କରିବେ । କମିଟିକୁ କ୍ଷେତ୍ର ତଦାରଖ କରିନେବା ପାଇଁ କମିଟିଙ୍କ ଚେୟାରପରସନ୍‌ଙ୍କ ସହିତ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବାପାଇଁ ଉପ ଆୟୁକ୍ତ, ରାଜସ୍ୱଙ୍କ ଉପରେ ସର୍ବ ସମ୍ମତିକ୍ରମେ ଦାୟିତ୍ୱ ନ୍ୟସ୍ତ କରାଗଲା ।

ନିର୍ଦ୍ଧାରଣ-୨(୨). ନିଗମର ବିଭିନ୍ନ ୱାର୍ଡ଼ରେ ଛୋଟ ଛୋଟ କମ୍ୟୁନିଟି ସେଂଟର ନିର୍ମାଣ କରାଯାଇଅଛି । ସେଗୁଡ଼ିକୁ ବିବାହ, ବ୍ରତ ଆଦି କାର୍ଯ୍ୟ ପାଇଁ ଭଡ଼ାଦେବା ନିମନ୍ତେ online ମାଧ୍ୟମରେ ବୁକିଂ କରିବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୩). ଭୁବନେଶ୍ୱର ମହାନଗର ନିଗମର ସମ୍ପତି ଖାତା (Asset Register) ନଥିବାରୁ ଭୁବନେଶ୍ୱର ମହାନଗର ନିଗମ "A" ଶ୍ରେଣୀଭୁକ୍ତ ସହର ହୋଇପାରୁନାହିଁ ବୋଲି ନିଗମର ବିତ ଅଧିକାରୀ କମିଟିଙ୍କୁ ଅବଗତ କରାଇଥିଲେ । ନିଗମର କେଉଁଠି ସବୁ ସମ୍ପତି ରହିଛି ତାହା ଜଣାପଡୁନାହିଁ । ତେଣୁ ନିଗମର Asset Register କରିବା ଏବଂ ଏହାର ଡ଼ାଟା ତିଆରି କରିବାପାଇଁ D.C Corporation Assets ଏବଂ City Engineer ଙ୍କ ଉପରେ ସର୍ବ ସମ୍ମତିକ୍ରମେ ଦାୟିତ୍ୱ ନ୍ୟସ୍ତ କରାଗଲା ।

ନିର୍ଦ୍ଧାରଣ-୨(୪). ଭୁବନେଶ୍ୱର ମହାନଗର ନିଗମ ପରିଚାଳିତ କଲ୍ୟାଣ ମଣ୍ଡପ ଗୁଡ଼ିକୁ ଅତ୍ୟାଧୁନିକ କରି ରାଜସ୍ୱ ବୃଦ୍ଧି ନିମନ୍ତେ କଲ୍ୟାଣ ମଣ୍ଡପ ଗୁଡ଼ିକୁ PPP ମୋଡ୍‌ରେ ନିର୍ମାଣ କରିବା ପାଇଁ କମିଟି ତାଙ୍କ ନିର୍ଦ୍ଧାରଣ ସଂଖ୍ୟା-୧(୩) ତା ୦୨.୦୬.୨୦୨୨ ରିଖରେ ନିଷ୍ପତି ନେଇଥିଲେ । ଏହା ଶୀଘ୍ର କାର୍ଯ୍ୟ କରିବା ପାଇଁ D.C Corporation Assets ଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୫). ନିଗମର ସମ୍ପତି ଏବଂ IT ବିଷୟରେ ଆଲୋଚନା କରାଗଲା । ତେଣୁ ଆସନ୍ତା ମାସ ବୈଠକରେ D.C Assets ଓ IT କମିଟିରେ ଉପସ୍ଥିତ ରହିବାପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୬). ଗୃହ ଟିକସ ଧାର୍ଯ୍ୟ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମାଂଚଳରେ କେତେ ଗୃହ ଅଛି ତାହାକୁ ସର୍ଭେ କରିବା ପାଇଁ ଏକ ସଂସ୍ଥାକୁ ଦିଆଯାଇଥିଲା । ସମ୍ପୃକ୍ତ ସଂସ୍ଥା କ'ଣ ସର୍ଭେ କରିଅଛି ଏବଂ ତାହା ଉପରେ କ'ଣ ପଦକ୍ଷେପ ନିଆଯାଇଅଛି ତାଙ୍କୁ କେତେ ଅର୍ଥ ପଇଠ କରାଯାଇଅଛି ତାହାର ସବିଶେଷ ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ଉପ ଆୟୁକ୍ତ ରାଜସ୍ୱଙ୍କ ଉପରେ ସର୍ବ ସମ୍ମତିକ୍ରମେ ଦାୟିତ୍ୱ ନ୍ୟସ୍ତ କରାଗଲା ।

ନିର୍ଦ୍ଧାରଣ-୨(୭). ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ତାଙ୍କ ପତ୍ରସଂଖ୍ୟା-୨୧୧୬୯ ତା ୦୮.୧୨.୨୦୨୧ ରିଖରେ ପୌରସଂସ୍ଥା outsourcing agencies କିମ୍ବା Service Providers ମଧ୍ୟରେ ନୂଆ ନିଯୁକ୍ତି ତା ୦୧.୧୧.୨୦୨୧ ରିଖ ଠାରୁ କରିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ଭୁବନେଶ୍ୱର ମହାନଗର ନିଗମର ଆବଶ୍ୟକ ସଂଖ୍ୟକ ୱାର୍ଡ଼ ଅଫିସର ଓ କର୍ମଚାରୀ ନଥିବାରୁ ରାଜସ୍ୱ ଆଦାୟ ହୋଇପାରୁନାହିଁ । ତେଣୁ outsourcing agency ମାଧ୍ୟମରେ କର୍ମଚାରୀ ରଖି ରାଜସ୍ୱ ଆଦାୟ କରିବା ପାଇଁ ଅନୁମତି ଦେବାପାଇଁ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗକୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. 5.50 ମିନିଟ୍ ସମୟରେ ସଭା ସାଂଗ କରାଗଲା ।

ସ୍ୱା/-ପ୍ରୀତିନନ୍ଦା ରାଉତରାୟ
ସଭାପତି
ତା 14.07.2022 ରିଖ